## ସାହିତ୍ୟ ଦର୍ପଣ



# କୃଷ୍ଣଚୂଡ଼ାର ମହକ



**ସୁଦର୍ଶନ ମହାପାତ୍ର**

ଇଚ୍ଛାପୁର ଷ୍ଟେସନରେ ଟ୍ରେନ ଅଟକିଲା । ଉଜ୍ଜ୍ୱଳ ନାଲି ରଙ୍ଗର ଶାଢ଼ୀରେ ହଳଦିଆ ରଙ୍ଗର ଧଡ଼ି ଉପରେ ଧାରେ ଜରି ପଟି ଏବଂ ତା ସାଙ୍ଗକୁ ମ୍ୟାଚିଂ ହଳଦୀ ରଙ୍ଗର ବ୍ଲାଉଜ୍ ପିନ୍ଧିଥିବା ସୁଶ୍ରୀ ତରୁଣୀଟିଏ, ମୋ ଆଗ ସିଟରେ ଆସି ବସିଲା । ମୋତେ ଲାଗିଲା ସଦ୍ୟ ଫୁଟିଥିବା କୃଷ୍ଣଚୂଡ଼ା ଫୁଲ ପେନ୍ଥାକୁ କିଏ ଆଣି ସଜେଇ ରଖିଦେଲା ମୋ ସାମ୍ନାରେ । କୃଷ୍ଣଚୂଡ଼ା ହିଁ ତ ଏକମାତ୍ର ଫୁଲ ଯିଏ ଏଇ ନିଦାଘରେ ହସିପାରେ ଏବଂ ଜନ ମାନସରେ ପ୍ରଶାନ୍ତି ଭରିପାରେ । ତେଣୁ ମୋତେ କୃଷ୍ଣଚୂଡ଼ା ଫୁଲ ଖୁବ୍ ଭଲ ଲାଗେ ।ମୁଁ ବିସ୍ମୟାଭିଭୂତ ହୋଇ ତାକୁ ଚାହିଁ ରହିଲି ।

ତା'ର ଆପାଦମସ୍ତକ ଉପରେ ଧୀରେ ଧୀରେ ଘୁରୁଥାଏ ମୋ ଆଖି ।ଜଣେ ସଚ୍ଚା ସୌନ୍ଦର୍ଯ୍ୟଗ୍ରାହୀର ମନ ନେଇ ମୁଁ ତାକୁ ଚାହିଁଥିଲି । ମୋ ନଜର ପଡିଲା ତା'ର ଢିଲାରେ ବନ୍ଧା ଯାଇଥିବା ଗହଳ କେଶ ଉପରେ । ଜୁଡ଼ା ବାନ୍ଧିବା ବି ଗୋଟେ ସୂକ୍ଷ୍ମ କଳା, ଏଇ ପ୍ରଥମଥର ଜାଣିଲି । କାନ ପାଖରେ ଦୁଇ କେରା ଅବିନ୍ୟସ୍ତ କେଶ ପବନରେ ଉଡ଼ିଆସି ତା'ର ଗାଲ ଛୁଉଁଥାଏ ।ଆକର୍ଷଣର କଣ କୌଣସି ନିୟମ ଅଛି ! କେହି ରୋକି ପାରିବ କାହାକୁ ମୁଗ୍ଧ ଦୃଷ୍ଟିରେ ଚାହିଁବାକୁ..!

ମୋ ସାମ୍ନା ସିଟ୍ ?ରେ କୃଷ୍ଣଚୂଡ଼ା ଫୁଲଟି ସେମିତି ନୀରବରେ ବସିଥିଲା । ସାମଗ୍ରିକ ଭାବେ ଏକ କମନୀୟ ସୁଠାମ ଶରୀରର ଅଧିକାରିଣୀ ଥିଲା ସେ । ଅଧିକ ଗୋରା ନୁହେଁ, ମଧୁର ମିଠା ରଙ୍ଗର ଦେହ ତାର । ଗୋଲାପି ମାର୍ବଲର ଛୋଟ ଏକ ଫଳକ ପରି ତା କପାଳ । ନାକରେ ସେ ପିନ୍ଧିଥିବା ମୋତିର ନୋଜ୍ ପିନ୍ ମୋତେ ସଂସ୍କୃତର ଧାଡ଼ିଟିଏ ମନେ ପକେଇଦେଲା,....ନାସାଗ୍ରେ ନବମୌକ୍ତିକମ୍ ! ମୁଁ ଧୀରେ ଧୀରେ ତା ସୌନ୍ଦର୍ଯ୍ୟର ଉପାସକ ପାଲଟୁଥିଲି । ବାଁ ପଟ କାନ ତଳକୁ କଳାଜାଇଟିଏ । ନ ଚାହିଁଲେ ବି ଛାଏଁ ନଜର ଚାଲିଯିବ ସେଇଠିକୁ । ତା'ର ହସନ୍ତ ଓଠ ପାଖରେ ଯେମିତି ଧକ୍କା ଖାଉଥିଲେ ମୋ ନଜରର ଢେଉ । ସେ କିଛି କହିବ କି ମୋତେ, ଯାହା ସେ କାହାକୁ କେବେ କହିନାହିଁ !! ମୁଁ ମନେ ମନେ ଆକଳନ କରୁଥାଏ, କ'ଣ କହିବାକୁ ଚାହିଁବ ସେ ! ଦୁଇ ଆୟତ ଚକ୍ଷୁରେ ଅୟୁତେ ପ୍ରଶ୍ନର କୁହେଳି,କ୍ଷଣିକ ପଲକପାତରେ ଲିଭିଯାଇ ପୁଣି ଉଦ୍ଭାସିତ ହେଉଥାଏ । ମୁଁ ଜଣେ ପ୍ରାଜ୍ଞ ମୁନି ପରି ଧୈର୍ଯ୍ୟ ସହକାରେ ଅପେକ୍ଷା କରୁଥିଲି, ସତେ କେତେବେଳେ ସେ ତା ପ୍ରଶ୍ନଗୁଡ଼ିକୁ ମୋ ଆଗରେ ଉପସ୍ଥାପନ କରିବ ।

କିନ୍ତୁ ସେମିତି କିଛି ହେଲା ନାହିଁ । ସେ ସେମିତି ନୀରବ ଥିଲା । କେବଳ ତା ସୌନ୍ଦର୍ଯ୍ୟରେ ବିଭୋର ହେଉଥିଲି ମୁଁ । ଏମିତି ନୁହେଁ କି ସେ ଆଖିବୁଜି ବସିଥିଲା । କେତେଥର ତା ନଜର ସହିତ ଅପ୍ରତ୍ୟାଶିତ ଭାବେ ମୋ ନଜର ମିଶିଯିବା ବେଳେ ଆମେ ଦୁହେଁ ନଜର ଫେରେଇ ନେଇଛୁ ଚୋରଙ୍କ ପରି । ପରସ୍ପରଠାରୁ ଲୁଚେଇବାକୁ ଚେଷ୍ଟା କରି ଧରାପଡ଼ିଛୁ ପରସ୍ପର ଆଗରେ । ସଙ୍ଗେ ସଙ୍ଗେ ସେ ଝରକାପଟକୁ ନଜର ବୁଲେଇ ନେଇଛି । ମୁଁ ତା ଆଖି ଡୋଳାରେ ଦେଖୁଛି, ଝରକା ଆରପଟେ ଅବିଶ୍ରାନ୍ତ ଦୌଡୁଥିବା ବଣପାହାଡ଼, ଗଛଲତା, ନଈନାଳ ଓ କୋଠାବାଡ଼ିର ଚଳମାନ ଚିତ୍ର ।

ବେଳେ ବେଳେ ମୋ ଏକତରଫା ଭାବନାର ଲମ୍ବି ଯାଉଥିବା ଖିଅରେ ମୁଁ ବାଟବଣା ହୋଇ ଯାଉଥାଏ । ଭିତରେ ଭିତରେ ମୁଁ ହସି ପକାଉଥାଏ ନିଜ ମୂର୍ଖତା ପାଇଁ । ପର ମୁହୂର୍ତ୍ତରେ ମୋ ଭିତରେ ଗଭୀର ଆତ୍ମବିଶ୍ୱାସ ତିଆରି ହେଉଥାଏ, ମୋ ପରି ମୂର୍ଖ ହିଁ ପ୍ରେମରେ ପଡ଼ ? । ହିସାବ ରଖେନା କୂଳକିନାରାର । ଲମ୍ଫ ଦିଏ ଅକାତ ପାଣିରେ ଗଭୀର ବିଶ୍ୱାସର ସହିତ । ଯାହା ଅନୁଚିତ ।

ହେଲେ ମୋ ଆତ୍ମବିଶ୍ୱାସର ପ୍ରାଚୀର ଧୀରେ ଧୀରେ ଭାଙ୍ଗି ଚୁନା ଚୁନା ହୋଇଯାଉଥାଏ । ମୁଁ ଜଣେ ଅସାମାନ୍ୟା ସୁନ୍ଦରୀର ସ୍ତାବକ ପାଲଟୁଥାଏ । ଏ ରୂପାନ୍ତରିତ କେବଳ ଗୋଟିଏ ପ୍ରେମିକ ଆତ୍ମାର ହୋଇପାରେ ।

ମୁଁ ପୁଣି ତା ହାତକୁ ଚାହିଁ ଚକିତ ହେଲି, କୋମଳତା ଫୁଟି ଉଠୁଥିଲା ତା ଦୁଇ ହାତରେ । କିଏ ସେ ଭାଗ୍ୟବାନ୍ ବ୍ୟକ୍ତି, ଯିଏ ତା'ର ହାତ ଧରିବ ! ଈର୍ଷାରେ ମୋ ଦେହରେ ତଡ଼ିତ୍ ଖେଳିଗଲା ।

ତରୁଣୀଟି ହାତରେ ଗୋଟିଏ ହଳଦୀ ରଙ୍ଗର ବ୍ୟାଗ୍ ଥିଲା । ବ୍ୟାଗ୍ ?ର ଗୋଟିଏ ମୁଣ୍ଡରୁ ଖୋଲା ଜିପ୍ ?ରୁ ଉପରକୁ ବାହାରିଥିଲା ଦୁଇଟି ଦରଫୁଟା ଲାଲ୍ ଗୋଲାପ ସହିତ କିଛି ସତେଜ ପତ୍ର । ମୋ ନଜର ବାରମ୍ବାର ଚାଲି ଯାଉଥାଏ ସେଇ ଫୁଲ ଦୁଇଟି ପାଖକୁ । କାହା ପାଇଁ ଏତେ ଯତ୍ନରେ ସେ ଫୁଲ ଦୁଇଟି ନେଇ ଯାଉଛି ? ପ୍ରେମିକ ପାଇଁ ? କିମ୍ବା ତାକୁ କିଏ ଦେଇଛି ? ଅବା ସେ କାହାର ପ୍ରେମିକା ???

ଓଃ ! କାହା ପାଇଁ ଦୁଇଟି ଲାଲ୍ ଗୋଲାପ... ?

ହେଲେ ମୁଁ ଯେ କୃଷ୍ଣଚୂଡ଼ାର ସ୍ତାବକ... !

ମୁଁ ନିଜ ତିଆରି ଜାଲରେ ନିଜେ ଛନ୍ଦି ହୋଇପଡୁଥିଲି । ଇଚ୍ଛା ହେଉଥିଲା ତାକୁ ଏକାନ୍ତରେ ଭେଟି ମୋ ମନରେ ତିଆରି ହେଉଥିବା ସବୁ ପ୍ରଶ୍ନର ଉତର ମାଗନ୍ତି । ମନଘୋଡ଼ାର ଗତି ଯେତିକି ତୀବ୍ର ହେଉଥାଏ, ମୁଁ ସେତିକି ଜୋର୍‌ରେ ଲଗାମ୍ ଟାଣି ଧରୁଥାଏ । ଅଣନିଃଶ୍ୱାସୀ ଲାଗୁଥାଏ ନିଜ ସହିତ ଛକାପଞ୍ଝା ଖେଳୁ ଖେଳୁ ।

ପରସ୍ପରର ନଜର ଆଢୁଆଳରେ ଦୁହେଁ ଦୁହିଁଙ୍କୁ ଦେଖିବାର ଏକ ବିଚିତ୍ର ଖେଳ ଜାରି ରହିଥିଲା ଆମ ଭିତରେ । ଏକ ପ୍ରେମିକ ପୁରୁଷର ସତା ଜାଗରିତ ହେଉଥିଲା ମୋ ଭିତରେ । ତାକୁ ପଚାରିବାକୁ ମୋ ପାଖରେ ଶହେ ପ୍ରଶ୍ନ ଥିଲା । କିନ୍ତୁ, ପଦଟିଏ ଉଚ୍ଚାରି ପାରୁନଥିଲି । ମୋ ବ୍ୟକ୍ତିତ୍ୱ କିମ୍ବା ପାରିପାର୍ଶ୍ୱିକ ସ୍ଥିତି ମୋତେ ସେତିକି କରିବାକୁ ଦେଉନଥିଲା । ନୀରବରେ କେବଳ ତା'ର ସୌନ୍ଦର୍ଯ୍ୟକୁ ବିଶ୍ଳେଷଣ କରୁଥିଲି ।

ହଠାତ୍ ମୋ ମନରେ ଖିଆଲ୍ ଆସିଲା, ଭୁବନେଶ୍ୱରରେ ପହଞ୍ଚିବା ପରେ ମୁଁ ତା ପଛେ ପଛେ ଯିବି । ନିରାପଦ ଦୂରତାରେ ରହି ତା ଘର ବା ଗନ୍ତବ୍ୟର ଠିକଣା ଖୋଜିବି । ମୋ ହୃଦୟରେ ତିଆରି ହୋଇଥିବା ପ୍ରେମର ଫଲ୍ଗୁକୁ ମୁଁ ହଜିଯିବାକୁ ବା ନିଃଶେଷ ହେଇଯିବାକୁ ଦେବି ନାହିଁ । କେବେ ନା କେବେ ପୁଣି ତାକୁ ଏକାନ୍ତରେ ଭେଟିବାର ସୁଯୋଗ ମିଳିବ ନିଶ୍ଚୟ । ଯଦି ଷ୍ଟେସନ୍ ?ରେ ତା ପରିଜନ ତାକୁ ଅପେକ୍ଷା କରିଥିବେ ! ତେବେ ବି ମୁଁ ଯିବି, ତା ଠିକଣା ପାଇବାକୁ । ଧୀରେ ଧୀରେ ମୋ ମନରେ ଏକ ବିଚିତ୍ର ଆନନ୍ଦର ଲହରି ଖେଳିବାରେ ଲାଗିଲା । ମୁଁ ସ୍ଥିର ହୋଇ ବସିପାରିଲିନି । ତା'ଠାରୁ ଧ୍ୟାନ ହଟେଇବାକୁ ବାହାରକୁ ଚାହିଁଲି ।

ଟ୍ରେନ୍‌ର ବିକଟାଳ ଶବ୍ଦ ବି ମୋତେ ଏକ ମଧୁର ସଙ୍ଗୀତ ପରି ଲାଗିଲା । ମୋ ଚାରିପଟର ପରିବେଶ ମୋତେ ଆଉ ଅସନ୍ତୁଷ୍ଟ କଲା ନାହିଁ । ମୁଁ ଏକ ସ୍ୱପ୍ନର ଉପବନରେ ତା ସହିତ ଖୁବ୍ ଅନ୍ତରଙ୍ଗ ଭାବେ ବସିଥିବାର ଅନୁଭବ କଲି । ସେଇ ସ୍ୱପ୍ନରେ ଭିଜି ଭିଜି ଅହରହ ପ୍ରେମର ବୀଜ ବୁଣି ଚାଲିଥିଲି ।

କିନ୍ତୁ, କେତୋଟି ସ୍ୱପ୍ନିଳ ବୀଜର ଅଙ୍କୁରୋଦ୍ଗମ ହୁଏ ! କେଉଁ ଅଙ୍କୁରଣରୁ ଚାରାଗଛ ହୁଏ ! କେଉଁ ଚାରାଗଛ ପ୍ରେମର ବୃକ୍ଷ ପାଲଟେ ! ସହସ୍ରରେ ଏକମାତ୍ର ବୀଜ ବୃକ୍ଷର ରୂପ ନିଏ ଓ ଫଳପ୍ରସୂ ହୁଏ । ଅଥଚ ମାତ୍ର ଘଂଟାଏ ଭିତରେ ମୋ ସ୍ୱପ୍ନର ବୃକ୍ଷ ଫୁଲଫଳରେ ଭରିଯାଇଛି ! ମଣିଷ ମନର ଗତି କେଡ଼େ କ୍ଷୀପ୍ର ସତେ ! ମୁହୂର୍ତ୍ତକରେ ଆଲୋକବର୍ଷୀୟ ଦୂରତାକୁ ଅତିକ୍ରମି ପାରେ !

ମୋ ଭାବନାର ସ୍ରୋତରେ ବନ୍ଧଟିଏ ପକାଇ ଟ୍ରେନ୍ ?ର ଗତି ଧିମା ହୋଇଗଲା । ଟ୍ରେନ୍ ଟାଣି ହୋଇଗଲା ଜଟଣୀ ଷ୍ଟେସନ୍ ? ଭିତରକୁ । ମୁଁ ସଜାଗ ହୋଇ ବସିଲି । ଆଉ ଅଳ୍ପ ସମୟ ପରେ ଟ୍ରେନ ପହଞ୍ଚିବ ଭୁବନେଶ୍ୱରରେ ଆଉ ମୁଁ କୃଷ୍ଣଚୂଡ଼ାର ଠିକଣା ଅନ୍‌ୱେଷଣରେ ଯିବି ।

ଟ୍ରେନ୍ ଅଳସ ଭାଙ୍ଗି ଛିଡ଼ା ହେଲା ଜଟଣୀ ଜଙ୍କ୍‌ସନ୍‌ରେ । ଦଶ ମିନିଟ୍ ରହିବ ଟ୍ରେନ୍ ଏଇଠି । ପ୍ଲାଟଫର୍ମ ରେ ବୃଦ୍ଧା ଜଣେ ବିକ୍ରି କରୁଥିଲେ ମଲ୍ଲୀ ଫୁଲର ଗଜରା ।ମୋତେ ଇଚ୍ଛା ହେଉଥିଲା ତା ପାଇଁ ଯାଇ କିଣି ଆଣନ୍ତି କଅଁଳ ପଳାଶ ପତ୍ରରେ ଗୁଡ଼ ?ଇ ମଲ୍ଲୀଫୁଲର ଗଜରାଟିଏ । କିଛି ନ କହି ଧୀରେ ବଢେଇ ଦିଅନ୍ତି ତା ହାତକୁ..!

ମୋ ଅପରିପକ୍ୱ ଇଚ୍ଛା ଫଳବତୀ ହୋଇ ପାରିଲା ନାହିଁ ।କୃଷ୍ଣଚୂଡ଼ା ଉଠିଲା ସିଟ୍ ?ରୁ । ତା ପଛେ ପଛେ ଉଠି ଚାଲିଗଲେ କିଛି ଯାତ୍ରୀ । କିଛି ସମୟ ଆଗରୁ ସେ ଯେମିତି ମେଘଖଣ୍ଡ ପରି ଭାସି ଆସିଥିଲା, ସେମିତି ଭାସି ଚାଲିଗଲା ଡୋର୍ ଆଡ଼କୁ ।

ମୁଁ ଅନିୟନ୍ତ୍ରିତ ଭାବେ ତା ପଛେ ପଛେ ଚାଲିଲି । ସେ ଟ୍ରେନ୍ ?ରୁ ଓହ୍ଲେଇ ଗଲାବେଳେ ଥରଟିଏ ବି ବୁଲି ଚାହିଁଲାନି ପଛକୁ । ଘଂଟାକ ଭିତରେ ତିଆରି ହୋଇଥିବା ସ୍ୱପ୍ନର ଇମାରତ୍ ମୋର ଭାଙ୍ଗି ଚୁରମାର୍ ହୋଇଗଲା ।

ମୋତେ ଲାଗିଲା ଜୀବନରେ ଦ୍ୱିତୀୟବାର ଆଉ ତାକୁ ଭେଟିବାର ସୁଯୋଗ ମିଳିବନି । ମୋ ମନ ଭିତରେ କୃଷ୍ଣଚୂଡ଼ା ତା'ର ସୌନ୍ଦର୍ଯ୍ୟ ଛାଡ଼ି ଦେଇଗଲା । ତା ସହିତ ଆତ୍ମିକ ସ୍ତରରେ ଏକପାଖିଆ ଗଢ଼ି ଉଠିଥିବା ପ୍ରେମରେ ବିଚ୍ଛେଦ ମୋ ପାଇଁ ଅସହ୍ୟ ଲାଗିଲା । ସେ ଷ୍ଟେସନ୍ ?ର ଗହଳି ଭିତରେ ହଜିଗଲା । ମୁଁ ନିରାଶ ହୋଇ ଡୋର୍ ପାଖରେ ତା ଯିବା ରାସ୍ତାକୁ ଚାହିଁରହିଲି । ଏମିତି ସ୍ଥିତିରେ ଘନ ସବୁଜ ବନାନୀ ବି ମରୁଭୂମି ପରି ଲାଗେ । ମୁଁ ଅଣନିଃଶ୍ୱାସୀ ହେବା ପରି ଅନୁଭବ କଲି । ମୋ ଛାତି ରୁନ୍ଧି ହେଇଗଲା । ମୋତେ ଦରକାର ହେଲା ଅଞ୍ଜୁଳାଏ ଖୋଲା ପବନ ।

ଟ୍ରେନ୍ ଆଗକୁ ଗଡ଼ିବା ସହିତ ତାକୁ ହରେଇବାର ଦୁଃଖ ତୁହାକୁ ତୁହା ମୋ ମନର ଅଳିନ୍ଦକୁ ଆକ୍ରାନ୍ତ କଲା । ମୁଁ ଡୋର୍ ପାଖରେ ଗୋଟିଏ ପରାସ୍ତ ସୈନିକ ପରି କିଛି ସମୟ ଛିଡ଼ା ହୋଇ ରହିଲି ।ଘଣ୍ଟାଏ ଲେଟ୍ ରେ ଚାଲୁଥିବା ଟ୍ରେନ ଆହୁରି ଟିକିଏ ଲେଟ୍ କାହିଁକି କଲା ନାହିଁ ବୋଲି ଭାବୁଥିଲି ।

ହଠାତ୍ ପୁଣିଥରେ ସେଇ କୃଷ୍ଣଚୂଡ଼ାକୁ ଦେଖିଲି । ମୁଁ ନିଜ ଆଖିକୁ ବିଶ୍ୱାସ କରିପାରିଲିନି । ରେଳଧାରଣାର ଅପର ପାର୍ଶ୍ୱରେ ଥିବା ପ୍ଲାଟଫର୍ମରେ ଟ୍ରେନ୍ ର ଗତି ସହିତ ସମାନ୍ତରାଳ ଭାବେ ସେ ଚାଲୁଥିଲା । ଆଶ୍ଚର୍ଯ୍ୟର କଥା ହେଲା, ସେ ଆଉ ଲାଜ କି ସଂକୋଚରେ ନୁହେଁ, ସିଧା ସିଧା ମୋତେ ଚାହୁଁଥିଲା । ପ୍ରେମର, ସମର୍ପଣର ଚିହ୍ନ ସ୍ପଷ୍ଟ ବାରି ହେଉଥିଲା ତା ଆଖିରେ । ମୁଁ ମଧ୍ୟ ଗଭୀର ଆତ୍ମବିଶ୍ୱାସର ସହିତ ତାକୁ ଚାହିଁରହିଲି । ଚାରି ଚକ୍ଷୁର ମିଳନରେ ମୁଁ ଉଲ୍ଲସିତ ହେଲି । ମୋତେ ଲାଗିଲା, ଏବେ ସାରା ସଂସାରର ସୁଖ ମୋତେ ପ୍ରାପ୍ତ ହୋଇଗଲା ।

ଟ୍ରେନରୁ ଓହ୍ଲାଇ ଯିବା ମୋ ପକ୍ଷରେ ଆଉ ସମ୍ଭବ ନଥିଲା । ଟ୍ରେନ୍ ?ର ଗତି ସହିତ ତା'ର ଆଉ ମୋ ଭିତରେ ଦୂରତା ବଢ଼ି ବଢ଼ି ଗଲା । ସେ ଗୋଟିଏ ବିନ୍ଦୁ ପରି ପ୍ରତୀୟମାନ ହେବା ପର୍ଯ୍ୟନ୍ତ ମୁଁ ତାକୁ ଚାହିଁରହିଥିଲି । ସେ ଯେଉଁ ଦୃଷ୍ଟାନ୍ତର ହେଲା ଠିକ୍ ସେଇଠି ରାସ୍ତା ପାର୍ଶ୍ୱରେ କୃଷ୍ଣଚୂଡ଼ା ଫୁଲରେ ଭର୍ତ୍ତି ଗଛଟିଏ ମୋ ନଜରରେ ଆସିଲା ।ତୁଚ୍ଛାରେ ମୋତେ ବିରହରେ ମ୍ରିୟମାଣ କରାଇବାକୁ ନିୟତିର ଏ କାରସାଦି ନିଶ୍ଚୟ !!!

ଆଖି ବୁଜି ନିଜକୁ ପ୍ରକୃତିସ୍ଥ କରିବାକୁ ଚାହିଁଲି ।

ଆଖି ବୁଜି ବି ଏବେ ମଧ୍ୟ ଟ୍ରେନ୍ ?ରେ ଆଉ ମୋ ସାମ୍ନା ସିଟ୍‌ରେ ବସିଥିବାର ମୁଁ ତାକୁ ଦେଖୁଛି । କିଛି ଅକୁହା କଥା, ଯାହା ଓଠରୁ ସ୍ଖଳନ ଥାଏ ତାହା ଆଖି ବଖାଣୁଥିବାର ଦୃଶ୍ୟ ମୋତେ ମୋହିତ କରୁଥିଲା । ସେ କିଛି କହୁନଥିଲା ଅଥଚ ମୁଁ ବୁଝୁଥିଲି । ମୁଁ ବି କହିନଥିଲି ହୁଏତ ସେ ବୁଝୁଥିଲା । ଦୁହେଁ ତଥାପି ଚୁପ୍ ଥିଲୁ ।ନୀରବ ସମ୍ଭାଷଣର ସେଇ ପର୍ବରୁ କେବେ ବି ଅଙ୍କୁରୋପଣ ହୋଇଯାଇପାରେ । ଏଇ ଆଶାର ଆର୍ଦ୍ରତାରେ ମୁଁ ଭିଜୁଥିଲି ।

ଫୋନ୍ ରିଂ ହେଲା ତ ଆଖି ଖୋଲିଲି ।ଏମାତ୍ର ସ୍ୱପ୍ନ ଦେଖୁଥିବାର କଥା ବୁଝି ପାରିଲି ।ମୋ ଆଖପାଖର ସବୁ ସିଟ୍ ଖାଲି ପଡିଥିଲା । ଭୁବନେଶ୍ୱର ଷ୍ଟେସନରେ ପହଁଚି ଟ୍ରେନ ଛିଡା ହୋଇଥିଲା ।ମୋବାଇଲ କୁ ଚାହିଁଲି । ସୁରଭି ଙ୍କ ମିସ୍ କଲ । ମେସେଜ ବି ଆସିଲା କିଛି କ୍ଷଣ ଉତାରୁ ।

-' କେଉଁଠି ତୁମେ ? ମୁଁ ଏକ ନମ୍ବର ପ୍ଲାଟଫର୍ମ ଏନଟ୍ରାନ୍ସ ପାଖରେ ଠିଆ ହୋଇଛି ।'

ସେଇଠୁ ସମ୍ବିତ ଫେରି ପାଇଲି । ତରତର ହୋଇ ଟ୍ରେନ ରୁ ଓହ୍ଲାଇ ଏକ ନମ୍ବର ପ୍ଲାଟଫର୍ମ ଉଦ୍ଦେଶ୍ୟରେ ପାଦ ଆଗକୁ ବଢାଇଲି ।ସୁରଭି ଙ୍କ ଭଳି ସର୍ବଗୁଣସମ୍ପନ୍ନା ଦାୟିତ୍ୱବାନ ପତ୍ନୀ ମୋ ପାଇଁ ଷ୍ଟେସନରେ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଅପେକ୍ଷା କରୁଛନ୍ତି ଜାଣି ମନେ ମନେ ଖୁସି ହେଲି । ନିଜ ଅଜଣାତରେ ମୋ ଓଠରେ ହସ ଧାରେ ଉକୁଟି ଉଠିଲା । ସେତିକିବେଳେକୁ ସାମ୍ନାରେ ପାଇଲି କବରୀରେ କୃଷ୍ଣଚୂଡ଼ା ଫୁଲ ସଜେଇ ହସ ହସ ମୁହଁରେ ଝଟକୁଥିବା ସୁରଭିଙ୍କୁ..!!!

କୁଞ୍ଜବିହାରୀ ଲେନ, କଟକ

## ବିଶ୍ୱାସ

*ଆଦ୍ୟାଶା ମହାପାତ୍ର*



କେଇ ଯୋଜନ ଦୂରରେ ଅବସ୍ଥିତ
ସାତତାଳ ପାଣିର ସେ ଜଳାଶୟ
ତା ତଳକୁ ପ୍ରସ୍ତ ପ୍ରସ୍ତ ପଙ୍କ
ତା ଭିତରେ ଲୁକ୍କାୟିତ ସୁନା ଫରୁଆ
ତା ଭିତରେ ସଂରକ୍ଷିତ ବିଶ୍ୱାସ

ବିଶ୍ୱାସ,ଏକ କଣ୍ଟକିତ ପଥ
କେତେବେଳେ ପୁଣି
ଲିପାପୋଛା ପିଣ୍ଡା, ପାହାଚରେ
ଅଙ୍କିତ ଲକ୍ଷ୍ମୀପାଦ
ବିଶ୍ୱାସ ଭରସାର ଅନ୍ୟନାମ
ଶରତର ତୋଫା କିରଣ
ଈଶ୍ୱରଙ୍କ ସାମ୍ନାରେ
ବୋଉ ଆଖିରେ ଉକୁଟୁଥିବା
ଢଳ ଢଳ ଆଖିର ସମ୍ମ ?ହନ

ବିଶ୍ୱାସ ହିଁ ଈଶ୍ୱର
ସମ୍ପର୍କର ମୂଳଭିତି
ବିଶ୍ୱାସ ଗୋଟିଏ ଅଛିଣ୍ଡା ଗଣିତ
ଅବୁଝା ମାନସାଙ୍କ
ଛିଡୁ ନଥିବା ଭାଗଶେଷ
ସମ୍ପର୍କର ସରଳ ସୂତ୍ର

ବିଶ୍ୱାସ ଏକ ଆପେକ୍ଷିକ ଶବ୍ଦ
ସପନ ଶିଢ଼ିର ଅସମାପ୍ତ ପାହାଚ
ଛୋଟ ଛୋଟ ଟୁକୁଡାରୁ
ଉଜ୍ଜୀବିତ ଭଗ୍ନାଂଶ..!!!

ନୂଆପଡା, କଟକ

## ସୂତ୍ର

*ରତ୍ନକାନ୍ତି ମିଶ୍ର*



ବାଦଲ ଫାଟିଲେ ବର୍ଷା ହୁଏ
ସଂଘାତ ନ ସହିଲେ
ନିର୍ଯ୍ୟାସ ମିଳିବା ଦୁରୂହ
ଅଥଚ ତୁମେ କହୁଛ
ସଂଘର୍ଷ ଆଡେଇ
ଖୁସିର ହାତ ଧରି ଖସିବା ସହଜ
ହେଲେ
ତୁମେ ଜାଣିଚ କି ସେ ସୂତ୍ର
ଯଦି ଜାଣିଚ
ଲେଖିଦିଅ ମୋ କପାଳରେ
ବାକିତକ ଯାହା
ମିଶାଣ,ଫେଡାଣ,ଗୁଣନ,ହରଣ
କରିନେଇ ପାରିବି ମୁଁ..
ଏ ଯେଉଁ ପରିବର୍ତ୍ତନ ନେଇ
ଆକାଶ ଦିଶୁଛି ଧୂସର
ବିନ୍ଦୁ ବିନ୍ଦୁ ଖସୁଛି ପାଣି ତା ଦେହରୁ
ଥରକୁ ଥର ଭିଜୁଛି
ଗଛଲତା, ପାହାଡ଼,ଡଙ୍ଗର
ଆଉ ମୋ ଦେହ ଗୋଟା ଯାକ
ସେ ସବୁ ଗୋଟେ ସୂତ୍ର ଆଧାରିତ
ଜଳଚକ୍ର ହେଉ ବା ଋତୁଚକ୍ର
ଦିନ ହେଉ ବା ରାତ୍ରି
ସୂର୍ଯ୍ୟ ଥାଉ ବା ଚନ୍ଦ୍ର
ସବୁ ମୂଳରେ ନିହିତ
ଗୋଟିଏ ନିର୍ଦ୍ଦିଷ୍ଟ ସୂତ୍ର...!!!

ଆଳି, କେନ୍ଦ୍ରାପଡା

## ସତ ଲେଖିବାକୁ କିମ୍ବା ଡରିବି

*ନିରଞ୍ଜନ ସାହୁ*



ସତ ଲେଖିବାକୁ ସାହସ ବାନ୍ଧିଛି
କାଗଜ କଲମ ଧରି
କେତେଦିନ ଆଉ ଅନ୍ୟାୟ ସହିକି
ରହିବି ମୁଁ ଡରିମରି ?
କଲମର ଯଦି ଶକ୍ତି ରହିଥିବ
ଲେଖିବ ଅପ୍ରିୟ କଥା
ଯାହା ବାବଦରେ ସତ୍ୟ ଉଦ୍ଘାରିବ
ଘୁରିବ ତାହାରି ମଥା
ଭାବମୂର୍ତ୍ତି ତା'ର ପରିସ୍ଫୁଟ ହେବ
କେତେ ସ୍ୱଚ୍ଛ ଅଛି ଭରି ।
ସତ୍ୟ ଲେଖୁଥିଲେ ବିପଦ ଆସିବ
ଏକଥା ମୋତେ ହିଁ ଜଣା
କେତେଦିନ ପାଇଁ ସତ୍ୟ ଦୁନିଆରେ
ହେଉଥିବ ବାଟବଣା
ସତ୍ୟ ପାଇଁ ପଛେ ମଲେ ମୁଁ ମରିବି
ବଂଚିବିନି ଆଉ ଡରି ।
ଜାଣିଛି ଏତିକି କେତେ ନାଲିଆଖି
ଦେଖାଇବେ ମୋତେ ଭୟ
କିଏ ପ୍ରଲୋଭିତ କରିବେ ଯେ ମୋତେ
ହେବନି ତାଙ୍କର ଜୟ
ସତ୍ୟ ପ୍ରତି ସମର୍ପିତ ମୁଁ ହୋଇବି
ବିପଦ ବରଣ କରି ।
ସତ୍ୟର ବିଜୟ ନିଶ୍ଚୟ ହୋଇବ
ଅସତ୍ୟ ବିଲୁପ୍ତ ହେବ
ଯୁଗ ଯୁଗ ଧରି ସତ୍ୟ ହିଁ ଜିତଛି
କିଏ ତା'ର ସ୍ଥାନ ନେବ
ସତ୍ୟର ବିକଳ୍ପ ଜଗତରେ ନାହିଁ
କିଏ ହେବ ସତ୍ୟ ପରି ?

ନିହଲ ପ୍ରସାଦ , ଗଁଡିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ:୯୯୩୮୭୪୧୫୮୩

## ବାଲିଯାତରା

*ସୁଧାକର ରାଉତ*



କାର୍ତ୍ତିକ ମାସଟା ଧରମ ମାସ
ପୁନେଇଁ ଦିନ ତା ହୁଅଇ ଶେଷ ।
ସେଦିନ ଗଡ଼ଗଡିଆ ଘାଟ କୂଳ
ବାଲିଯାତରା କରେ ଲୋକ ମେଳ ।
ଆଲୋକ ମାଳାରେ ଝଲସେ ଆଖି
ଥରେ ଦେଖିଲେ ମନ ଯାଏ ଲାଖି ।
ସାରା ଭାରତର ଦରବ ଯେତେ
ମିଳଇ ସେଠାରେ କିଣିବ କେତେ ।
ଯୁଆଡ଼େ ଚାହିଁବ ସିଆଡେ ଲୋକ
ବୁଲିଲେ ସେଠି ଭୁଲିଯିବ ଭୋକ ।
ଦୋକାନ ଲାଗିଛି ଧାଡ଼ିକି ଧାଡ଼ି
କିଣିବାକୁ ଲୋକ ଯାଆନ୍ତି ଭିଡି ।
ଠୁଙ୍କାପୁରୀ, ଛେନା ତର୍କାରୀ ମଜା
ଦହିବରା, ଚାଟ୍ ଦିଶଇ ତାଜା ।
ନାନା ପ୍ରକାରର ଲାଗଇ ଦୋଳି
ଦେଖିବ ସେଠାରେ ପିଲାଙ୍କ ମେଳି ।
ନୃତ୍ୟ ସଂଗୀତର ଆସର ବସେ
ତା ଯୋଗୁ ସାରା ପଡିଆ ଟି ହସେ ।
ସପ୍ତାହ ବ୍ୟାପୀ ଏ ଯାତରା ରହି
ସବୁରି ମନ ପ୍ରାଣ ନିଏ ମୋହି ।
ଉତ୍କଳର ନୌବାଣିଜ୍ୟର ଗାଥା
ଗାଏ ଏ ଯାତ୍ରା ଉର୍ଦ୍ଧ୍ୱେ କରି ମଥା ।
ହୋଇଣ ସାଧବେ ଦରିଆ ପାରି
ବୋଇତରେ ଧନ ରତନ ଧରି ।
ଉତ୍କଳର ବଢାଉଥିଲେ ମାନ
ସେ ଅତୀତକୁ ହେଜେ ଆଜି ମନ ।
ଆସ ସାଙ୍ଗ ସାଥୀ ଶପଥ ନେବା
ହୃତ ଗୌରବ ତା ଫେରାଇ ଦେବା ।

ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

# ଅନୁତାପ

**ପୂର୍ଣ୍ଣଚନ୍ଦ୍ର ବହଳୀ**

ଦୀପିକା ଏବେ ଖୁସିର ଜୀବନ ବିତାଉଥିଲେ ମଧ୍ୟ ନିଜ ବାପାଙ୍କୁ ଦେଇଥିବା ଆଘାତ ଆଜି ପର୍ଯ୍ୟନ୍ତ ଭୁଲି ପାରିନାହାନ୍ତି । ଏଥିପାଇଁ ବହୁ ସମୟରେ ଉଦାସ ରୁହନ୍ତି କ୍ଷ ବାପା ବହୁ ସମୟରେ କାହା ସହିତ ମିଶିବା, ବୁଲିଯିବା, କଲେଜରୁ ଫେରିବା ଡେରି ହୋଇଗଲେ, ନୂଆ ନୂଆ ଡିଜାଇନର ଡ୍ରେସ କିଣିବା ବେଳେ ଦୀପିକାଙ୍କୁ ବହୁତ ଆକଟ କରୁଥିଲେ । କେତେବେଳେ କେମିତି ଏ ନେଇ ବିରକ୍ତି ବି ହୁଅନ୍ତି କ୍ଷ ଦୀପିକା ଭାବୁଥିଲେ ବାପା ଜମାରୁ ତାଙ୍କୁ ଭଲ ପାଆନ୍ତି ନାହିଁ । ଦିନେ ରାଗରେ ସେ କହିଦେଇଥିଲେ ବାପା ଆପଣ ମୋତେ ଭଲ ପାଆନ୍ତି ନାହିଁ,ମୋତେ କେବେ ବି ବୁଝିଲେ ନାହିଁ - ମୁଁ ଆପଣଙ୍କୁ ଭଲ ପାଏନି ବାପା କ୍ଷ ଏହି କଥା ଶୁଣି ବାପା ନିରବ ରହିଥିଲେ । କିନ୍ତୁ ବିଧିର ବିଧାନ ଥିଲା ଅଲଗା କ୍ଷତା ପରଦିନ ହିଁ ଦୀପିକାଙ୍କ ବାପାଙ୍କର ହୃଦରୋଗରେ ମୃତ୍ୟୁ ହୋଇଯାଇଥିଲା । ଦୀପିକା ଙ୍କୁ ଲାଗିଥିଲା ଯେଭଳି ସେ ବାପାଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଇଛନ୍ତି । ଏହା ହିଁ ଦୀପିକାଙ୍କ ଅନ୍ତରବେଦନାର କାରଣ ଥିଲା ଯାହା ଆଜି ପର୍ଯ୍ୟନ୍ତ ସେ ନିଜକୁ ବୁଝାଇ ପାରୁନାହାନ୍ତି ।

ଏହା ମଧ୍ୟରେ ବର୍ଷ ପରେ ବର୍ଷ ବିତି ଯାଇଛି । ଦୀପିକା ମନୋବିଜ୍ଞାନୀର ଛାତ୍ରୀ ଥିଲେ । ସେ ସେହି ବିଭାଗର ଅଧ୍ୟାପିକା ରୂପେ ସ୍ଥାନୀୟ ଏକ ମହାବିଦ୍ୟାଳୟରେ ମଧ୍ୟ ଚାକିରୀ ପାଇଯାଇଥିଲେ । ବିଭିନ୍ନ ପିଲା, ଅଭିଭାବକ, ସହପାଠୀଙ୍କ ସହ ମିଶିବା ପରେ ପରେ ସେମାନଙ୍କ ମନୋଭାବ, ଭଲ ମନ୍ଦ, ଅନ୍ତର୍ନିହିତ ଦୁଃଖ ସୁଖକୁ ଭଲ ଭାବେ ହୃଦୟଙ୍ଗମ କରିପାରୁଥିଲେ । କେତେବେଳେ ଯଦି କେହି କହୁଥିଲେ ଯେ ସେ ବାପାଙ୍କୁ ଭଲ ପାଆନ୍ତି ନାହିଁ ବା ବାପା ଭଲ ନୁହନ୍ତି ତାଙ୍କ ହୃଦୟଟା ଫାଟିଗଲା ଭଳି ଲାଗୁଥିଲା । ସେ ଅନୁଭବ କରିଥିଲେ ବାପା ମା ଯାହା କୁହନ୍ତି ତାହା ପିଲାଙ୍କର ମଙ୍ଗଳ ସକାଶେ ଉଦ୍ଦିଷ୍ଟ କ୍ଷ ଜୀବନରେ ଘୃଣାର ପାତ୍ର ହୋଇ ବଂଚିବାର ବୋଝ ଭାରି କଷ୍ଟ ଦିଏ । ବାପାଙ୍କୁ ଆଘାତ ଦେଇ ସେ ନିଜେ ଘୃଣାର ପାତ୍ର ହୋଇଯାଇଛନ୍ତି ବୋଲି ଭାବୁଥିଲେ । ତାଙ୍କୁ କିଛି ନ କହି ବାପାଙ୍କର ନିରବତା ଏବଂ ତହିଁ ପରଦିନ ମୃତ୍ୟୁ ବରଣ କରିବାରେ ସେ ନିଜକୁ ଦୋଷୀ ମଣୁଥିଲେ ।

ଗୋଟିଏ ଦିନ ଜଣେ ପିଲାର ବାପା ହଠାତ ଦୀପିକା ପାଖରେ ଆସି ପହଁଚିଲେ । ଦୀପିକା କହିଲେ କଣ ହୋଇଛି ଗୋବିନ୍ଦ ବାବୁ । ଗୋବିନ୍ଦ ବାବୁ କହିଲେ କଥା କଣ କି ମୋ ପୁଅ ମୋ ସହିତ କଥା ବାର୍ତ୍ତା କରୁନାହିଁ । ସବୁ କିଛି ତା ପାଇଁ କରି ମଧ୍ୟ ମୋତେ ଦୂର ଦୂର କରିବାରେ ବହୁତ କଷ୍ଟ ଅନୁଭବ କରୁଛି । ଦୀପିକା ବହୁତ ସମୟ ସେହି ଲୋକଟିକୁ ଅନାଇ ରହିଲା । ନିଜ ଭିତରେ ବହୁ ବର୍ଷରୁ ଲୁଚି ରହିଥିବା ବେଦନା ହୃଦୟ ଭିତରେ ମନ୍ଥନ ହେବାକୁ ଲାଗିଲା । ଗୋଟିଏ ବାପାର ଦୁଃଖକୁ ସାମ୍ନାରେ ଶୁଣି ନିଜ ବାପାଙ୍କୁ ସେ ଦେଇଥିବା ଆଘାତ ଆଖି ଆଗରେ ନାଚିଲା ।

ଦୀପିକା ସେହି ଲୋକଟିକୁ କହିଥିଲେ ତୁମେ ଦୁଇ ତିନିଦିନ ନିରବରେ ଆରାମ ସେ ରୁହ । ତା ପରେ କଣ ଅନୁଭବ କଲ ମୋତେ ଆସି କହିବ ।

ଗୋବିନ୍ଦ ବାବୁ ଗଲା ପରେ ସେହିଦିନ ରାତିରେ ଦୀପିକା ନିଜ ଡାଏରୀ ଖୋଲିଲେ । କଲମ ଆଣି ସେଥିରେ ଲେଖିଲେ- ବାପା ଯେଉଁଠି ଥାଅ ମୋତେ । ମା କରିଦେବ କ୍ଷଆପଣଙ୍କ ଭଲ ପାଇବା ଓ ଉପଦେଶକୁ ମୁ ଭୁଲ ବୁଝୁଥିଲି । ଆପଣଙ୍କ ଭଲପାଇବାକୁ ବନ୍ଧନ ବୋଲି ଭାବୁଥିଲି । ଏଇ କଥାଟି ଲେଖି ସାରି ଦୀପିକା ବହୁତ ସମୟ ଯାଏ କାନ୍ଦିବାକୁ ଲାଗିଲେ । ଲୁହ ଗୁଡିକ ଧାର ଧାର ହୋଇ ମୁଁହ ବାଟ ଦେଇ ଯେତେବେଳେ ଛାତିକୁ ସ୍ପର୍ଶ କଲା ଦୀପିକାଙ୍କ ଦେହରେ ଶିହିରଣ ଖେଳିଗଲା । ହୃଦୟରେ ଜମାଟ ବାନ୍ଧିଥିବା ବହୁ ବର୍ଷର ଯନ୍ତ୍ରଣା ଉପଶମ ହୋଇଗଲା ଭଳି ଲାଗିଲା । ଏହି ସମୟରେ ଅନୁଭବ କଲେ କିଏ ଯେମିତି ତାଙ୍କ କାନ୍ଧ ଉପରେ ହାତ ରଖି କୋମଳ ସ୍ୱରରେ କହୁଛି ମୁ ସବୁ ବୁଝିଗଲିରେ ମାଆ --ଆଉ କାନ୍ଦେନି । ଦୀପିକାଙ୍କୁ ଲାଗିଲା ଯେପରି ତାର ବାପା ଆଶ୍ୱାସନା ଦେଉଛନ୍ତି । ବୁଲି ଚାହିଁଲା - ଦେଖିଲା କେହି ନାହାନ୍ତି କ୍ଷ ମନେ ମନେ ଭାବିଲେ ବାପା ତାଙ୍କ କଥା ନିଶ୍ଚୟ ଜାଣିପାରିଛନ୍ତି ଓ ତାକୁ କ୍ଷମା କରି ଦେଇଛନ୍ତି ।

ପରଦିନ ପୁଣି ଗୋବିନ୍ଦବାବୁ ନାମକ ଲୋକଟି ପହଁଚିଲା । ସେ ଦୀପିକାଙ୍କୁ କହିଲେ- ମାଡାମ କାଲି ମୁ ଦିନ ସାରା ନିରବ ରହିଲି, ଛୁଆଙ୍କ ପ୍ରତି ମମତା କଣ ନିରବ ରହିବାକୁ ଛାଡୁଛି ? ଦୁଇଦିନ ସିନା ବିତାଇଦେଲି କ୍ଷ ରାତିରେ ଭଲ ଲାଗିଲା ନାହିଁ ତେଣୁ ଗୋଟିଏ ମେସେଜ୍ କାଲି ପୁଅ ପାଖକୁ ଲେଖିଥିଲି ବାପାରେ ମୋର ତ ବୟସ ହେଲାଣି ଆଉ କେତେ ଦିନ କିଏ ଜାଣିଛି । ମୁଁ ଭାବୁଛି ତୋତେ ଲାଳନପାଳନ

କରିବାରେ କିଛି ତ୍ରୁଟି ରହିଗଲା,ମୋତେ କ୍ଷମା କରିଦେବୁ ।

ଆଜି ସକାଳୁ ପୁଅ ଆସି ହଜାର ଓ କହିଲା ବାପା ମୋତେ କ୍ଷମା କରିଦିଅ । ଆପଣଙ୍କର ଅତ୍ୟଧିକ ସ୍ନେହ ବେଳେ ବେଳେ ମୋତେ ଅସହଜ ଲାଗେ । ଏତେ ସ୍ନେହ କଣ ସମ୍ଭବ ଯାହା ହୁଏ ତ ମୁଁ ଆପଣଙ୍କୁ ଦେଇ ନପାରେ । ଏହା ହିଁ ମୋତେ ବ୍ୟସ୍ତ ବିବ୍ରତ କରୁଥିଲା ଓ ଆପଣଙ୍କ ସ୍ନେହର ବୋଝରୁ ଦୂରରେ ରହିବାକୁ ଚାହୁଁଥିଲି କ୍ଷମୁ ଆପଣଙ୍କୁ ନ ବୁଝି ବହୁତ କଷ୍ଟ ଦେଇଛି । ଆଜି ମୁ ବହୁତ ଖୁସି ଅନୁଭବ କରୁଛି ।

ଦୀପିକା କହିଲେ ବୁଝିଲେ ଦୀପକ ବାବୁ ବହୁ ସମୟରେ ନିରବତା ହିଁ ମଣିଷକୁ ଅନୁତାପ କରିବା ଶିଖାଏ କ୍ଷ ନିରବତାରୁ ଯେଉଁ ଶବ୍ଦ ସୃଷ୍ଟି ହୁଏ ଜୀବନରେ ତାହାର ବହୁ ଗୁରୁତ୍ୱ ରହିଅଛି.... ।

ଶିବାନୀ,ସମ୍ପାଦକ,ଭଦ୍ରକ

# ଏଣ୍ଡୁରି ପିଠା



**ସୁଚରିତା ମହାନ୍ତି**

ଜନ୍ମ ହେବାପରେ ବାବା ଶବ୍ଦର ମାନେ କ'ଣ 'ବାପା' କାହାକୁ କହନ୍ତି ଜାଣିନଥିଲି ।ଜନ୍ମ ହେବା ପରେ ବାବା କଳାହାଣ୍ଡି ଚାଲିଯାଇଥିଲେ । ଭବାନୀପାଟଣାରେ କୃଷି ବିଭାଗରେ ଚାକିରି କରିଥିଲେ ।ଘର ଠାରୁ ଏତେ ଦୂର ।ଯିବା ଆସିବାପାଇଁ କୌଣସି ସୁବିଧା ନଥିଲା ।କାଁ ଭାଁ ବସ୍ କେତେବେଳେ ଯିବା ଆସିବା କରୁଥିଲା । ଚାଲି ଚାଲି ପାହାଡ଼ିଆ ଜଙ୍ଗଲ ରାସ୍ତା ପାରି ହୋଇ କେତେ କୁଆଡ଼ ? ଯାଇଥାନ୍ତେ ।ତେଣୁ ଇଚ୍ଛା ଥିଲେ ବି ବୃଦ୍ଧ ବାପା,ସ୍ତ୍ରୀ,ଛ'ଜଣ ପିଲାଙ୍କ ପାଖରେ ପହଞ୍ଚିବା ତାଙ୍କ ପକ୍ଷେ ବହୁତ କଷ୍ଟ ଥିଲା ।

ଜେଜେ ବାପା (ଦାଦା)ମୃଗାଙ୍କ ଶେଖର ରାୟଙ୍କ ଠାରୁ ବାବାଙ୍କ କଥା ଶୁଣୁଥିଲି ।ସେ ତାଙ୍କ ପୁଅ ମାନେ ମୋ ବାବା (ଜଗଜ୍ୟୋତି ରାୟ)ଙ୍କୁବାୟା ବୋଲି ଡାକୁଥିଲେ । ସେତେବେଳେ ଆମ ଘରେ କ'ଣ ସେ ଖଣ୍ଡ ମଣ୍ଡଳରେ ବିଦ୍ୟୁତ୍ ସଂଯୋଗ ନଥିଲା କି ରାସ୍ତା ମଧ୍ୟ ଭଲ ନଥିଲା ।

ମୁଁ ମୋ ବଡ଼ ଭାଇଭଉଣୀଙ୍କ ସହିତ ବଡ଼ ହେଉଥିଲି ।

ମୋ ପାଇଁ କୌଣସି ଅସୁବିଧା ହେଉନଥିଲା ।ମୋ ଦାଦାଙ୍କ ଠାରୁ ମୁଁ ବହୁତ ସ୍ନେହ ଆଦର ପାଇଛି । ତାଙ୍କ ସହିତ ସବୁବେଳେ ଥାଏ ଏବଂ ବୁଲୁଥାଏ ।ତାଙ୍କ ସହିତ ଖାଇବାକୁ ଖେଳିବାକୁ ଭାରି ଭଲ ପାଉଥିଲି ।ପାଞ୍ଚ ବର୍ଷ ବୟସରେ କ'ଣ ବା ଜାଣିଥିଲି । ଖାଇବା ଖେଳିବା କେବେ କେବେ ପାଠ ପାଖରେ ବସିବା ଏଇତ କାମ । ୧୯୭୬ ମସିହାରେ ଦିନେ ସଞ୍ଜ ସମୟରେ ଦାଣ୍ଡ ପିଣ୍ଡାରେ ବସି ମୋ ବଡ଼ ଭାଇଭଉଣୀ ମାନଙ୍କୁ ଦାଦା ପାଠ ପଢ଼ାଉଥାନ୍ତି ।

ମୁଁ ତାଙ୍କ କୋଳରେ ମୁଣ୍ଡ ରଖି କ'ଣ ନାଇଁ କ'ଣ ଗପୁଥିଲି । ଲଣ୍ଠନ ଓ ଡିବିରି ଆଲୁଅରେ ବାହାରଟା ଝାପସା ଦେଖାଯାଉଥାଏ ।

ହଠାତ୍ ମୋର ନଜର ପଡ଼ିଲା ଦାଣ୍ଡଦୁଆର ପାହୁଛ ପାଖର କରବୀ ଫୁଲ ଗଛ ପାଖରେ କିଏ ଜଣେ ଠିଆ ହୋଇଛନ୍ତି ।ଖୁବ୍ ସୁନ୍ଦର ଦେଖାଯାଉଥାନ୍ତି ।ଦିବ୍ୟ ଚେହେରା । ଧବଫରଫର ଧୋତି ପଞ୍ଜାବୀ,ଲମ୍ବା କେଶ ଓ ଦାଢ଼ିରେ ମୁହଁଟି ଅଧା ଦେଖା ଯାଉଥାଏ ।ମୁଁ ଦେଖିବା କ୍ଷଣି ଜୋରେ ପାଟି କରି କହିଲି, ହେଇ ବାୟା ଆସିଲାଣି ।ଦାଦା ଦେଖ ବାୟା ଆସିଲାଣି ।

ବାୟାର ପ୍ରକୃତ ଅର୍ଥ ମୋତେ ଜଣାଥିଲା ଜଣେ ବୁଲାଟିଆ ବାବାଜୀ ବୋଲି ।

ମୋ କଥା ଶୁଣିବା କ୍ଷଣି ସମସ୍ତେ ସେ ଗଛ ପାଖକୁ ଚାହିଁଲେ । ସତକୁ ସତ ସେଇଠି ମୋ ବାବା ଠିଆ ହୋଇ ଆମ ସମସ୍ତଙ୍କୁ ଦେଖୁଥିଲେ ।ଆଶ୍ଚର୍ଯ୍ୟ ହୋଇଗଲେ ସମସ୍ତେ ।ଦାଦା ମୋ ବୋଉଙ୍କୁ ଡାକି କହିଲେ, ବୋହୂ ମା' ବାୟା ଆସିଲାଣି । ସେତେବେଳେ ସମସ୍ତଙ୍କ ଭିତରେ ଗୋଟିଏ ଖୁସିର ଲହରୀ ଖେଳିଯାଇଥିଲା । ମୁଁ କିଛି ନବୁଝି ହସୁଥିଲି । କହୁଥିଲି ବାୟା ଆସିଛି ।

କିନ୍ତୁ ସେ ମୋ ବାବା ଥିଲେ ।ଯାହାଙ୍କୁ ବୁଝିବାକୁ,ବାପା ବୋଲି ଗ୍ରହଣ କରିବାକୁ ମୋତେ ଦୀର୍ଘ ସମୟ ଲାଗିଥିଲା ।

ଅନ୍ୟ ଭାଇଭଉଣୀ ତାଙ୍କୁ ଯେତିକି ଭୟ କରୁଥିଲେ ଓ ସମ୍ମାନ ଦେଉଥିଲେ,ମୁଁ କିନ୍ତୁ ତାଙ୍କୁ କେବେ ଭୟ କରୁନଥିଲି ସାଙ୍ଗ ବୋଲି ଭାବି ତାଙ୍କ ସହିତ ଖେଳୁଥିଲି ।

ଚାନ୍ଦବାଲିରେ ତାଙ୍କ ସହିତ ରହି ପାଠ ପଢ଼ିବା ପାଇଁ ଜିଦ୍ କଲି ।ସେ ମୋତେ ତାଙ୍କ ପାଖକୁ ନେଇଗଲେ ।ନିଜେ ରୋଷେଇ କରି ଖୁଆଇ ଦେଉଥିଲେ ।ଦେହ ଖରାପ ହେଲେ ଭାରି ବ୍ୟସ୍ତ ହୋଇପଡୁଥିଲେ ।

କାହିଁକି କେଜାଣି ଏବେ ତାଙ୍କ କଥା ବହୁତ ମନେ ପଡୁଛି ।ତାଙ୍କ ଡାକ ବାରମ୍ବାର ଶୁଭୁଚି ।ବାବା ଶେଷ ସୂର୍ଯ୍ୟାସ୍ତ ଦେଖିବା ଯାକେ ମୋତେ ଚିଠି ଲେଖୁଥିଲେ । ପ୍ରତ୍ୟେକ ଚିଠିରେ ଆଶୀର୍ବାଦ ସହିତ ଅନେକ କିଛି ଉପଦେଶ ଦେଉଥିଲେ ।

ମୋ ପାଇଁ ସବୁସମୟରେ ସେ ବ୍ୟସ୍ତ ହେଉଥିଲେ ।

ଦିନେ ଫୋନ୍ ନକଲେ ବାରମ୍ବାର ଘରେ ସମସ୍ତଙ୍କୁ ପଚାରୁଥିଲେ,ତା' ଦେହ ଭଲ ଅଛି ତ ।ସେ କାହିଁକି ଫୋନ୍ କରିନାହିଁ ତାକୁ ଫୋନ୍ କରି ବୁଝ । ହୁଏତ ବାବା ମୋତେ ବେଶି ଭଲ ପାଉଥିଲେ ।ବାପାମାନେ ବୋଧେ ଏମିତି ।ବାବାଙ୍କର ପ୍ରତିଟି କଥା ପ୍ରତିଟି କାମ ମନେ ପଡ଼ିଲେ କାହିଁକି କେଜାଣି ମୁଁ ନିଜକୁ ସମ୍ଭାଳି ପାରେନି ।ମୋ ହାତ ରୋଷେଇ ଏବଂ ମୋ ହାତରୁ ଖାଇବାକୁ ସେ ବହୁତ ଭଲ ପାଉଥିଲେ ।ପ୍ରଥମାଷ୍ଟମୀରେ ଏଣ୍ଡୁରି ପିଠା କଲେ ସେ ଅନେଇ ରହିଥାନ୍ତି, ମୁଁ କେତେବେଳେ ପଠେଇବି ।ସେ ମୋ ଦାଦାଙ୍କର ବଡ଼ ପୁଅ ଥିଲେ ।ପଢୁଆଁ ପୁଅ ।ସବୁବର୍ଷ ପ୍ରଥମାଷ୍ଟମୀ ଆସୁଛି,ଏଣ୍ଡୁରି ପିଠା ହେଉଛି ହେଲେ ମୋ ବାବା ନାହାଂତି । ପିଠା ତିଆରି କରିସାରିବା ପରେ ଇଚ୍ଛା ହୁଏ ବାବା ପୁଣି ଆସନ୍ତେନି ପିଠା ଖାଇବାକୁ !

ବାରିପଦା,ମୟୂରଭଞ୍ଜ
ମୋ: ୮୯୧୭୫୭୧୨୦୨

